# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 May - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୭୧ ପ୍ରତିଶତରୁ ଅଧିକ ମତଦାନ ସୂଚନା

— ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆରମ୍ଭ ହେଲା ପ୍ରସ୍ତୁତି

- ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ; ପାଶ୍ ହାର ୯୬ ଦଶମିକ ୦/୭ ପ୍ରତିଶତ

— ଆଜି ଅପରାହ୍ଣରେ ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ

ଏବଂ

- ଭୀଷଣ ବାତ୍ୟାର ରୂପ ନେଲା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିଝଡ଼ ରେମାଲ

— ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା

# ରାଜ୍ୟ ତୃତୀୟ ପର୍ଯ୍ୟାୟ ମତଦାନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ, ଗତକାଲି ହୋଇଥିବା ନିର୍ବାଚନ ୭୧ ପ୍ରତିଶତରୁ ଅଧିକ ଥିବା ଜଣାପଡ଼ିଛି।

ପୁରୀ ସଂସଦୀୟ କ୍ଷେତ୍ରରେ ସର୍ବାଧିକ ୭୩ ଦଶମିକ ୮/୧ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ଜଣାପଡ଼ିଛି । ଢେଙ୍କାନାଳରେ ୭୩ ଦଶମିକ ୬/୯, ସମ୍ବଲପୁରରେ ୭୩ ଦଶମିକ ୩/୧, କେନ୍ଦୁଝରରେ ୭୧ ଦଶମିକ ୯/୩ ଏବଂ କଟକରେ ୬୭ ଦଶମିକ ୩/୬ ପ୍ରତିଶତ ମତଦାନ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି । ହେଲେ ସଦ୍ୟତମ ମତଦାନର ତଥ୍ୟ ଆସିବା ପରେ ସଠିକ୍ ଜଣାପଡ଼ିବ ବୋଲି ଭାରତୀୟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି । ରାଜ୍ୟର ୩ଟି ପର୍ଯ୍ୟାୟରେ ୧୫ଟି ଲୋକସଭା ଆସନ ଏବଂ ୧୦୫ଟି ବିଧାନସଭା ଆସନ ପାଇଁ ମତଦାନ ଶେଷ ହୋଇଛି ।

ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଜୁନ୍ ମାସ ୧ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଅବଶିଷ୍ଟ ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ । ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି।

କେନ୍ଦ୍ର ନେତୃମଣ୍ଡଳୀଙ୍କ ସହିତ ଅନ୍ୟାନ୍ୟ ଦଳର ନେତାମାନେ ଏଥିପାଇଁ ଆସି ପ୍ରଚାର କରୁଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମୟୂରଭଞ୍ଜର ୬ଟି ନିର୍ବାଚନମଣ୍ଡଳୀରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଖରାପ ପାଗ ଯୋଗୁଁ ୫ଟି ନିର୍ବାଚନମଣ୍ଡଳୀ ଯଥା ଯଶୀପୁର, ରାଇରଙ୍ଗପୁର, ବାଙ୍ଗିରିପୋଷି, ସାରସକଣା ଓ ଉଦଳାରେ ହେବାକୁ ଥିବା ନିର୍ବାଚନ ସଭାରେ ଶ୍ରୀ ପ୍ରଧାନ ଯୋଗଦେଇ ପାରିବେ ନାହିଁ ଟୁଇଟ୍ କରି କହିଛନ୍ତି।

## ମତଦାନ ଶେଷ-ଅନୁଗୁଳ

ଅନୁଗୋଳର ୫ଟି ବିଧାନସଭା ଆଠମଲ୍ଲିକ, ଛେଣ୍ଡିପଦା, ତାଳଚେର, ପାଲଲହଡ଼ା ଓ ଅନୁଗୋଳରେ ୧ହଜାର ୧୬୩ ବୁଥରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଅନୁଗୁଳ ଜିଲ୍ଲାରେ ସମୁଦାୟ ୩୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି।

ସୂଚନା ଅନୁଯାୟୀ ଅନୁଗୁଳ ବିଧାନସଭାରେ ୫୭ ଦଶମିକ ୬/୦, ଆଠମଲ୍ଲିକ ବିଧାନସଭାରେ ୬୬ ଦଶମିକ ୨/୦, ଛେଣ୍ଡିପଦା ବିଧାନସଭାରେ ୬୫ ଦଶମିକ ୫/୦, ପାଲଲହଡ଼ା ବିଧାନସଭାରେ ୭୩ ଦଶମିକ ୮/୬ ଓ ତାଳଚେର ବିଧାନସଭାରେ ୬୪ ପ୍ରତିଶତ ମତଦାନ ହୋଇଛି। ଜିଲ୍ଲାରେ ମୋଟ ୯ ଲକ୍ଷ ୭୮ ହଜାର ୬୨୩ ଭୋଟରଙ୍କ ମଧ୍ୟରୁ ମାତ୍ର ୬୫ ଦଶମିକ ୧/୯ ପ୍ରତିଶତ ଭୋଟର ନିଜ ମତାଧିକାର ସାବ୍ୟସ୍ତ

କରିଛନ୍ତି । ଅନ୍ୟପକ୍ଷରେ ଢେଙ୍କାନାଳ ଲୋକସଭା କ୍ଷେତ୍ର ଢେଙ୍କାନାଳରେ ୬୦ ଦଶମିକ ୮/୮ ପ୍ରତିଶତ ମତଦାନ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଦେଶ ନିର୍ବାଚନ

ଦେଶରେ ଗତକାଲି ହୋଇଥିବା ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ୬ଟି ରାଜ୍ୟ ଏବଂ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକସଭା ଆସନ ପାଇଁ ୬୧ ଦଶମିକ ୪/୬ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ନିର୍ବାଚନ କମିଶନ୍‌ଙ୍କ ରିପୋର୍ଟ ଅନୁସାରେ, ଗତକାଲି ସନ୍ଧ୍ୟା ସୁଦ୍ଧା ପଶ୍ଚିମବଙ୍ଗରେ ସର୍ବାଧିକ ୭୯ ଦଶମିକ ୭/୮ ପ୍ରତିଶତ ମତଦାନ ହୋଇଥିବାବେଳେ ଜମ୍ମୁ-କାଶ୍ମୀରରେ ସର୍ବନିମ୍ନ ୫୪ ଦଶମିକ ୪/୬ ପ୍ରତିଶତ ମତଦାନ ହୋଇଥିଲା । ଷଷ୍ଠ ପର୍ଯ୍ୟାୟକୁ ମିଶାଇ ଦେଶରେ ବର୍ତ୍ତମାନ ୪୮୬ ସଂସଦୀୟ ଆସନରେ ମତଦାନ ଶେଷ ହୋଇଛି । ଆସନ୍ତା ଜୁନ୍ ମାସ ୧ ତାରିଖରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ଅବଶିଷ୍ଟ ୫୭ଟି ଲୋକସଭା ଆସନରେ ଭୋଟ୍ ନିଆଯିବ ।

## ନିର୍ବାଚନ - ସପ୍ତମ ପର୍ଯ୍ୟାୟ

ଦେଶର ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଆସନ ଲାଗି ଆସନ୍ତା ଜୁନ୍ ପହିଲା

ଦିନ ମତଗ୍ରହଣ ହେବ । ଏହି ପର୍ଯ୍ୟାୟରେ ୯୦୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଏହି ପର୍ଯ୍ୟାୟରେ ବିହାରର ୮ଟି, ହିମାଚଳପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି, ଓଡ଼ିଶାର ୬ଟି, ପଞ୍ଜାବ ଓ ଉତ୍ତରପ୍ରଦେଶର ୧୩ଟି ଲେଖାଏଁ, ପଶ୍ଚିମବଙ୍ଗର ୯ଟି ଓ ଚଣ୍ଡିଗଡର ୮ଟି ଲୋକସଭା ଆସନରେ ଭୋଟ୍‌ଗ୍ରହଣ କରାଯିବ ।

## କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ଦଳୀୟ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ।

ଅନ୍ୟପକ୍ଷରେ ଆଜିଠାରୁ ମଙ୍ଗଳବାର ପର୍ଯ୍ୟନ୍ତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର ଓ ଭଦ୍ରକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି ।

## ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ

ମାଧ୍ୟମିକ ଶିକ୍ଷା ପରିଷଦ-ବୋର୍ଡ ପକ୍ଷରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ମାଟ୍ରିକ୍ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଚଳିତବର୍ଷର ପାଶ୍ ହାର ୯୬ ଦଶମିକ ୦/୭ ପ୍ରତିଶତ ରହିଛି । ମାଟ୍ରିକ୍ ପରୀକ୍ଷାରେ ପୁଅଙ୍କ ଅପେକ୍ଷା ଝିଅଙ୍କ

ପାଶ୍ ହାର ଅଧିକ ରହିଛି। ଝିଅଙ୍କ ପାଶ୍ ହାର ୯୬ ଦଶମିକ ୭/୩ ପ୍ରତିଶତ ଥିବାବେଳେ ପୁଅଙ୍କ ପାଶ୍ ହାର ୯୬ ଦଶମିକ ୩/୯ ପ୍ରତିଶତ ରହିଛି। ଚଳିତବର୍ଷ ମୋଟ୍ ୫ ଲକ୍ଷ ୪୧ ହଜାର ୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଆସନ୍ତା ୨୯ରୁ ଜୁନ୍ ୧୨ ତାରିଖ ଯାଏ ଛାତ୍ରଛାତ୍ରୀମାନେ ରି-ଚେକିଂ ପାଇଁ ଅନ୍‌ଲାଇନ୍ ଜରିଆରେ ଆବେଦନ କରିପାରିବେ। ଜୁନ୍ ୧୦ ରୁ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ରେଜିଷ୍ଟ୍ରେସନ୍ ଆରମ୍ଭ ହେବ ବୋଲି ବୋର୍ଡ ଉପସଭାପତି କହିଛନ୍ତି।

ଏ ସମ୍ପର୍କରେ ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି....

# - V/O -

ଖୋର୍ଦ୍ଧାରେ ସର୍ବାଧିକ ପାଶ୍ ହାର ୯୭ ଦଶମିକ ୯/୮ ପ୍ରତିଶତ ରହିଥିବାବେଳେ ନୂଆପଡାରେ ସର୍ବନିମ୍ନ ପାଶ୍ ହାର ୯୩ ଦଶମିକ ୯/୧ ପ୍ରତିଶତ ରହିଛି।

ସେହିପରି କଟକରେ ୯୭ ଦଶମିକ ୫/୮ ପ୍ରତିଶତ, ଜଗତ୍‌ସିଂହପୁରରେ ୯୭ ଦଶମିକ ୬/୦ ପ୍ରତଶତ, କେନ୍ଦ୍ରାପଡାରେ ୯୫ ଦଶମିକ ୭/୭ ପ୍ରତିଶତ, ଯାଜପୁରରେ ୯୫ ଦଶମିକ ୯/୨ ପ୍ରତିଶତ, ଢେଙ୍କାନାଳରେ ୯୫ ଦଶମିକ ୧/୨ ପ୍ରତିଶତ, ପୁରୀରେ ୯୬ ଦଶମିକ ୭/୬ ପ୍ରତିଶତ, ନୟାଗଡ଼ରେ ୯୬ ଦଶମିକ ୨/୩ ପ୍ରତିଶତ, ବାଲେଶ୍ୱରରେ

୯୬ ଦଶମିକ ୧ ପ୍ରତିଶତ, ଭଦ୍ରକରେ ୯୬ ଦଶମିକ ୭/୩ ପ୍ରତିଶତ ଏବଂ କେନ୍ଦୁଝରରେ ୯୪ ଦଶମିକ ୮ ପ୍ରତିଶତ ରହିଛି ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ମିଳିଛି। ଆଜି ଅପରାହ୍ଣ ୪ଟାରୁ ଅନ୍‌ଲାଇନ୍‌ରେ ମାଟ୍ରିକ୍, ମଧ୍ୟମା ଓ ଓପନ୍ ସ୍କୁଲ ପରୀକ୍ଷାର ଡିଜିଟାଇଜ୍‌ଡ୍ ବୋର୍ଡ ସାର୍ଟିଫିକେଟ୍ ଉପଲବ୍ଧ ହେବ। ଏହି ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ୍ ଛାତ୍ରଛାତ୍ରୀମାନେ ମୋବାଇଲ୍ ମାଧ୍ୟମରେ ମଧ୍ୟ ପାଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ବଳରେ ସମସ୍ତେ ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ। ସେହିପରି **କେନ୍ଦ୍ର ଶିକ୍ଷାମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସାମାଜିକ ଗଣମାଧ୍ୟମ ଜରିଆରେ ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଯୁକ୍ତ ଦୁଇ ପରୀକ୍ଷା ଫଳ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକର ଦ୍ୱାଦଶ ଶ୍ରେଣୀ-ଯୁକ୍ତ ଦୁଇ ପରୀକ୍ଷା ଫଳ ଆଜି ପ୍ରକାଶ ପାଇବ। ଗୋଟିଏ ଦିନରେ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମର ପରୀକ୍ଷା ଫଳ ପ୍ରକାଶ ପାଇବ। ପରିଷଦ କାର୍ଯ୍ୟାଳୟରେ ଅପରାହ୍ଣ ୩ଟାରେ ଗଣଶିକ୍ଷା ବିଭାଗ ଓ

ପରିଷଦ ଅଧିକାରୀମାନେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିବେ। ଏହାପରେ ପରୀକ୍ଷାର୍ଥୀମାନେ **www.orissaresults.nic.in** ମାଧ୍ୟମରେ ସେମାନଙ୍କର ରେଜଲ୍ଟ ଜାଣିପାରିବେ। ଏଥିସହ ପରୀକ୍ଷାର୍ଥୀଙ୍କ ବିଦ୍ୟାଳୟ ଇ-ସ୍ପେଶ୍ ଓ ଡିଜିଲକର୍ ମାଧ୍ୟମରେ ପରୀକ୍ଷାଫଳ ଉପଲବ୍ଧ ହେବ। ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଲକ୍ଷ ୬୦ ହଜାର ୧୯୮ ଜଣ ରେଗୁଲାର ଏବଂ ୨୬ ହଜାର ୫୨ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜଣାପଡିଛି।

## ପାଣିପାଗ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ 'ରେମାଲ' ଆଜି ସନ୍ଧ୍ୟା ସୁଦ୍ଧା ବାତ୍ୟାରେ ପରିଣତ ହୋଇ ସାଗରଦ୍ୱୀପ ଓ ଖେପୁପରା ମଝିରେ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ସାମୁଦ୍ରିକ ଝଡ଼ ରେମାଲ ସ୍ଥଳପଥରେ ଅତିକ୍ରମ କରିବା ସମୟରେ ଘଣ୍ଟାପ୍ରତି ସର୍ବାଧିକ ୧୧୦ରୁ ୧୩୫ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏବେ ଏହି ସାମୁଦ୍ରିକ ଝଡ଼ ପଶ୍ଚିମବଙ୍ଗର ସାଗର ଦ୍ୱୀପପୁଞ୍ଜଠାରୁ ୨୧୦ କିଲୋମିଟର, ଦକ୍ଷିଣ-ଦକ୍ଷିଣପୂର୍ବ, ବାଂଲାଦେଶର କ୍ଷେପୁପରାଠାରୁ ୨୨୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ରହିଛି ।

ଏହାର ପ୍ରଭାବରେ ଉତ୍ତର ଓ ଉପକୂଳ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ । ବାତ୍ୟା ରେମାଲ ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ଏବଂ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

********************************
**